### ଅଗ୍ନିକାଣ୍ଡରେ ୨ ବଖରା ପୋଡ଼ିଗଲା

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଦୀଘି ଗାଁରେ ସୋମବାର ରାତି ୨ ଟାରେ ଦୟାନିଧି ସେଠୀଙ୍କ ୨ ବଖରା ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ନିଆଁର ପ୍ରକୋପ ଏତେ ଥିଲା ଯେ, ପିନ୍ଧାଲୁଗା ବ୍ୟତିତ ଅନ୍ୟ କିଛି ଉଦ୍ଧାର କରାଯାଇ ପାରି ନ ଥିଲେ। ଦୟାନିଧି ରଖିଥିବା ନଗଦ ୩୦ ହଜାର ଟଙ୍କା, ଧାନ, ଚାଉଳ, ବାଇକ୍ ସହ ସମସ୍ତ ଆସବାବପତ୍ର ଜଳି ଯାଇଛି। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀ ନିଆଁକୁ ଆୟତ କରିଥିଲେ। ଈଶ୍ୱରପୁର ସରପଞ୍ଚ ସୁରେଖା ପ୍ରଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ବନ୍ଦିତା ସେଠୀ ପ୍ରମୁଖ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ମାର୍ଶାଘାଇ,୧୪।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଯଦୁପୁର ଛକ ନିକଟରେ ମଙ୍ଗଳବାର ସକାଳେ ଏକ ଆଇରନ୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରରୁ ପ୍ରକାଶ ଯେ, ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜି ଗାଁର ଦୁଇ ଭାଇ ପିଣ୍ଟୁ ବାରିକ ଓ ଚିଣ୍ଟୁ ବାରିକ ଏକ ବାଇକ୍ ଯୋଗେ ପାରାଦୀପ ଶିଳ୍ପାଞ୍ଚଳକୁ କାମ କରିବାକୁ ଯାଉଥିବା ବେଳେ ଯଦୁପୁର ଛକ ନିକଟରେ ପଛରୁ ଆସୁଥିବା ଏକ ଆଇରନ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ବାଇକ୍ ପଛରେ ବସିଥିବା ସାନଭାଇ ଚିଣ୍ଟୁ (୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବଡ଼ଭାଇ ପିଣ୍ଟୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପିଣ୍ଟୁଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ। ମାର୍ଶାଘାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

# ହିନ୍ଦୁ-ମୁସଲମାନ ଭାଇଚାରାର ନିଦର୍ଶନ ଓଳାଭରର କାଳୀପୂଜା

ରାଜକନିକା, ୧୪।୧୧(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ଓ ଅନନ୍ୟ ଶକ୍ତିପୀଠ ଭାବେ ପରିଗଣିତ ରାଜକନିକା ବ୍ଲକର ଓଳାଭରର ମା' ଶ୍ୟାମାକାଳୀଙ୍କ ପୀଠ। ଏହି ପୀଠରେ ୧୯୪୭ରୁ ପୂଜା ଆରମ୍ଭ ହୋଇଥିଲା। ଏଠାରେ ଦୀର୍ଘ ୭୭ ବର୍ଷ ହେବ ମା' ଶ୍ୟାମାକାଳୀ ପୂଜା ପାଇଆସୁଛନ୍ତି। ବିଶେଷଭାବେ ଓଳାଭର କାଳୀପୂଜାରେ ଭାଇଚାରା ଓ ନିଆରା ଅନୁଭୂତି ଦେଖିବାକୁ ମିଳେ। କାରଣ ଏହି ପୂଜା ହିନ୍ଦୁ-ମୁସଲମାନ ଭାଇମାନେ ମିଳିମିଶି ଆୟୋଜନ କରିଥା'ନ୍ତି। କାଳୀପୂଜା ସମୟ ଆସିଲେ ଚଳଚଞ୍ଚଳ ହୋଇଉଠେ ସାରା ରାଜକନିକାର ଓଳାଭର ଅଞ୍ଚଳ। ଓଳାଭର ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହୋଇଆସୁଥିବା ଏହି ପୂଜା ପ୍ରାୟ ୧୫ ଦିନ ଧରି ହୋଇଥାଏ। ମା'ଙ୍କ ପୂଜାବିଧି ନୀତିକାନ୍ତି ଅନୁଯାୟୀ ପାଳନ ହେବା ସାଙ୍ଗକୁ ଓଡ଼ିଶାର ପ୍ରତିଷ୍ଠିତ ଗାୟକମାନେ ପାଲା ପରିବେଷଣ କରିଥାନ୍ତି। ଆଗଧାଡ଼ିର ଏକାଧିକ ଯାତ୍ରାନୁଷ୍ଠାନ ଏଠାରେ ଯାତ୍ରା ପରିବେଷଣ କରି ଯାତ୍ରାପ୍ରେମୀଙ୍କୁ ବିମୋହିତ କରିବା ସହ ଉଠା ସିନେମା, ଭର୍କିଭଳି ଖାଇବା ଦୋକାନ, ମନୋହରି ଦୋକାନ ସାଙ୍ଗକୁ ମିନାବଜାର, ବିଭିନ୍ନ ପ୍ରକାର ଦୋକାନ ଏଠାରେ ଖୋଲାଯାଇଛି। ଚରକା, ବ୍ରେକ୍‌ଡ୍ୟାନ୍ସ, ମୌତ୍ କା କୁଆଁ, ରାମଦୋଳି ମଧ୍ୟ ପଡିଛି। ଆଇନ ଶୃଙ୍ଖଳାକୁ ଏଡ଼ାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଫାଣ୍ଡି ସହ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମା'ଙ୍କ ପୂଜା ପାଇଁ ପ୍ରବାସୀମାନେ ଛୁଟି ନେଇ ଗାଁକୁ ଆସିଥା'ନ୍ତି। ଘରେ ଘରେ କୁଣିଆଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

ଲୋକଙ୍କ କହିବା ଅନୁଯାୟୀ, ପୂଜା ପାଉଥିବା ସ୍ଥାନଟି ଶ୍ମଶାନ ଥିଲା। ଜଟାବାବା ନାମକ ଜନୈକ ସାଧୁ ଏଠାରେ ମା' କାଳୀଙ୍କ ସାଧନା ଓ ଆରାଧନା କରୁଥିଲେ। ତେବେ ମା'ଙ୍କ ସ୍ୱପ୍ନାଦେଶରେ ମୂର୍ତ୍ତିକରି ପୂଜା କରିବାକୁ କହିଥିଲେ। ବାବା ସ୍ୱପ୍ନାଦେଶ ବିଷୟରେ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଆଗକୁ ଦୀପାବଳି ଥିବାରୁ ଗ୍ରାମବାସୀ ବଡ଼ ଉତ୍ସାହ ସହକାରେ ମା'ଙ୍କ ପୂଜା ପାଇଁ ଏକ ଚାଳଘର ନିର୍ମାଣ କରି ମାଟିରେ ଏକ ମୃଣ୍ମୟୀ ମୂର୍ତ୍ତି ତିଆରି କରି ମା'ଙ୍କ ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଆଜିଯାଏ ମା' ଏଠାରେ ପୂଜା ପାଇଆସୁଛନ୍ତି। ପରବର୍ତ୍ତୀ ସମୟରେ ଓଳାଭର ଯୁବକ ସଂଘ ଆୟୋଜନରେ ୧୯୯୬ରୁ ମା'ଙ୍କର ସ୍ଥାୟୀ ମୂର୍ତ୍ତି ନିର୍ମାଣ କରାଯାଇ ସୁସଜ୍ଜିତ ଓ ସୁନ୍ଦର ମନ୍ଦିରରେ ଏବେ ପୂଜା ପାଇଆସୁଛନ୍ତି। ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ପଡ଼ୋଶୀ ଭଦ୍ରକ ଓ ଯାଜପୁର ଜିଲା, ଆଳି ଓ ରାଜନଗର ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଏହି ନିଆରା ପୂଜା ଦେଖିବାକୁ ଆସିଥା'ନ୍ତି। ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି ମା' କାଳୀ ପ୍ରତ୍ୟକ୍ଷ ଦେବୀ। ଏଠାରେ ଯେ କେହି ମାନସିକ କରିଥାନ୍ତି ମା' ତାଙ୍କ ମନସ୍କାମନା ପୂରଣ କରିଥାନ୍ତି। ମା'ଙ୍କ ମନ୍ଦିରକୁ ଲାଗି ଶିବ ମନ୍ଦିର କରାଯାଇଛି। ଏହି ମନ୍ଦିରରେ ପ୍ରତ୍ୟହ ମା'ଙ୍କ ରୀତିନୀତି ଅନୁଷ୍ଠିତ ହୋଇଥାଏ, ଯାହା ଅଞ୍ଚଳବାସୀଙ୍କ ସହଯୋଗରେ ସମ୍ପାଦନ ହୋଇଥାଏ। ପ୍ରଥମେ ଆରମ୍ଭ ହୋଇଥିବା କାଳୀପୂଜା କମିଟିରେ ସଭାପତି ଭାବେ ରତ୍ନାକର ବେହୁରା ଓ ସମ୍ପାଦକ ଭାବେ ସେକ୍ କରାମତ୍ ଅଲ୍ଲୀ ମନୋନୀତ ହୋଇଥିଲେ। ସେବେଠାରୁ ଆରମ୍ଭ ହୋଇଥିବା ପୂଜାକୁ ସମ୍ପାଦନ କରୁଥିବା ଓଳାଭର ଯୁବକ ସଂଘ ମଧ୍ୟ ଆଜି ବି ଏହି ପୂଜାକୁ ଆୟୋଜନ କରୁଛି। ତେବେ ପର୍ଯ୍ୟାୟକ୍ରମେ ଏହାର କର୍ମକର୍ତ୍ତା ବଦଳି ଥା'ନ୍ତି। ସଭାପତି ରତ୍ନାକର ବେହୁରା, ଅନିରୁଦ୍ଧ ମହଲା, ବସନ୍ତ ସାହୁ, ସୁବାସ ଚନ୍ଦ୍ର ସାହୁ ହୋଇଥିବା ବେଳେ ସମ୍ପାଦକ ସେକ୍ କରାମତ ଅଲ୍ଲୀ, କୈଳାସ ଚନ୍ଦ୍ର ବେହୁରା, ସନାତନ ପୃଷ୍ଟି, ସୁଧୀର ଚନ୍ଦ୍ର ପଲାଇ, ମନୋଜ କୁମାର ପରିଡ଼ା, ଅଶୋକ କୁମାର ଦାସ ପ୍ରମୁଖ ରହିଆସିଛନ୍ତି। ତେବେ ବର୍ତ୍ତମାନ ସଭାପତି ଭାବେ ପ୍ରଫୁଲ୍ଲ ପୃଷ୍ଟି ଓ ସମ୍ପାଦକ ଭାବେ ଶ୍ରୀନିବାସ ଓଝା କାର୍ଯ୍ୟ ସମ୍ପାଦନ କରୁଛନ୍ତି।

### ୭୭ ବର୍ଷ ହେଲା ମା' ଶ୍ୟାମାକାଳୀ ପୂଜା ପାଉଛନ୍ତି



### ସେମାନେ ଯାହା କୁହନ୍ତି...



ପ୍ରଫୁଲ୍ଲ ପୃଷ୍ଟି | ଶ୍ରୀନିବାସ ଓଝା | ସେକ୍ କୁରବାନ ଅଲ୍ଲୀ | ଜାଭେଦ୍ ବକ୍ସ

"ଆମ ଅଞ୍ଚଳର ମା' କାଳୀଙ୍କ ପୂଜା ନିଆରା ଭାଇଚାରାର ନିଦର୍ଶନ। ହିନ୍ଦୁ-ମୁସଲମାନ ଭାଇମାନଙ୍କର ଶ୍ରଦ୍ଧା, ଭକ୍ତି ଓ ଆବେଗ ଭାବ ଭରି ହୋଇଥାଏ। ସେଥିପାଇଁ ଆମର ଏହି ପୂଜା ଭାରତ ବର୍ଷରେ ସ୍ୱତନ୍ତ୍ର।

**– ପ୍ରଫୁଲ୍ଲ ପୃଷ୍ଟି, ସଭାପତି, ଓଳାଭର ଯୁବକ ସଂଘ**

"ସେକ୍ କରାମତ୍ ଅଲ୍ଲୀ ଜଣେ ମୁସଲମାନ ସମ୍ପ୍ରଦାୟର ହୋଇ ମଧ୍ୟ ଏ ଅଞ୍ଚଳରେ ମା'ଙ୍କ ପୂଜା ଆରମ୍ଭ କରି ଏକ ନିଆର ବାର୍ତ୍ତା ଦେଇ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି।

**–ଶ୍ରୀନିବାସ ଓଝା, ସାଧାରଣ ସମ୍ପାଦକ, ଓଳାଭର ଯୁବକ ସଂଘ**

"ମା'ଙ୍କ ପୂଜାରେ ଆମେ ସାମିଲ ହୋଇ ଆତ୍ମସନ୍ତୁଷ୍ଟି ମିଳିବା ସହ ଗର୍ବ ଅନୁଭବ କରୁ।

**–ସେକ୍ କୁରବାନ ଅଲ୍ଲୀ, ସଭ୍ୟ, ଓଳାଭର ଯୁବକ ସଂଘ**

"ମୁଁ ଜଣେ ମୁସଲମାନ ସମ୍ପ୍ରଦାୟର ହୋଇ ମଧ୍ୟ ମା'ଙ୍କ ଆଶ୍ରିତ। ମା'ଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ଓ ଭରସା ରହିଛି। ଆମ ସମ୍ପ୍ରଦାୟ ଉପରେ ସଦା ମା'ଙ୍କ କୃପାଦୃଷ୍ଟି ଅଛି, ଯାହା ଆମେ ମର୍ମେ ଅର୍ମେ ଅନୁଭବ କରୁଛୁ, କରୁଥିବୁ ମଧ୍ୟ।

**–ଜାଭେଦ୍ ବକ୍ସ, ସଭ୍ୟ, ଓଳାଭର ଯୁବକ ସଂଘ**

## ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ

ପଟ୍ଟାମୁଣ୍ଡାଇ,୧୪।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଷଣଅଣ୍ଟା ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚିତ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଟ୍ଟାମୁଣ୍ଡାଇ ବିଇଓ ହରିହର ଦଳାଇ ଯୋଗଦେଇ ବିଜ୍ଞାନ ହିଁ ସମାଜରେ କ୍ରାନ୍ତି ଆଣିପାରିଛି। ପୂର୍ବତନ ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ମୁଖ୍ୟବକ୍ତା, ବିଜ୍ଞାନ ଶିକ୍ଷକ ଶିବ ପ୍ରସାଦ ମହାନ୍ତ, ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ବିଆରସିସି ଚନ୍ଦ୍ରଶେଖର ତ୍ରିପାଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା, ସିଆରସିସି ମଳୟ କୁମାର ଜେନା, ପ୍ରଧାନ ଶିକ୍ଷକ ତପନ ନାୟକ, ପ୍ରଭାସ ରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମାଟିଆପଡ଼ା ୟୁଜି ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ କଷଣଅଣ୍ଟା, ଜରିଆ ବଳଦେବ, ନିମପୁର, ବାଲିପାଟଣା ଓ ଏମ୍ ଏନ ହାଇସ୍କୁଲ ସମେତ ଲୋକନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହେବା ସହ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା, ଆଦର୍ଶ ବିଦ୍ୟାଳୟ ପ୍ରବେଶ ଉତ୍ସବ



ଉତ୍ସବରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସହ ପିଲାଏ ଓ ଅନ୍ୟମାନେ।

ମହାକାଳପଡ଼ା,୧୪।୧୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ଆଡେଇସ୍ଥିତ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ଆଦର୍ଶ ବିଦ୍ୟାଳୟ ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ୮୨ଟି ପ୍ରକଳ୍ପକୁ ମନ୍ତ୍ରୀ ନାୟକ ବୁଲି ଦେଖିଥିଲେ। ପରେ ଏକ ସଭାରେ ଯୋଗଦେଇ ଏହି ସ୍ଥାନରେ ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାରୁ ଗାଁର ମେଧାବୀ ଛାତ୍ରୀଛାତ୍ର ପାଠ ପଢ଼ି ଭବିଷ୍ୟତରେ ଭଲ ମଣିଷ ହେବେ ବୋଲି କହିଥିଲେ। ଏଠାରେ ରାଜ୍ୟ ସରକାର ପକ୍ଷରୁ ଏକ ବୃହତ ଶିଳ୍ପ କାରଖାନା ପ୍ରତିଷ୍ଠା ପ୍ରସ୍ତାବିତ ରହିଛି। ଏହା ପ୍ରତିଷ୍ଠା ହେଲେ ଅଞ୍ଚଳର ବେକାର ଯୁବତୀଯୁବକମାନେ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ ନାୟକ କହିଥିଲେ। ବିଜ୍ଞାନ ମେଳାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ନାୟକ ପୁରସ୍କୃତ କରିଥିଲେ। ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଜାନା ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଏହି ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଯଥା କ୍ରମେ ୮୦ ଛାତ୍ରୀଛାତ୍ର ପଢୁଛନ୍ତି। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ, ଜମ୍ବୁ ହାଇସ୍କୁଲର ଏନ୍‌ସିସି କ୍ୟାଡେଟମାନେ ଜିମ୍ନା ଷ୍ଟିକ ପ୍ରଦର୍ଶନ କରିଥିଲେ।

## ଜାତୀୟସ୍ତର ଭଲିବଲରେ କେନ୍ଦ୍ରାପଡ଼ାର ପ୍ରତିଭା

କେନ୍ଦ୍ରାପଡ଼ା, ୧୪।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲାର ୬ ଭଲିବଲ କ୍ରୀଡା ପ୍ରତିଭା ରାଜ୍ୟସ୍ତରକୁ ଉନ୍ନିତ ହୋଇଛନ୍ତି। ସେମାନେ କଳିଙ୍ଗ ଷ୍ଟାଡିୟମ କ୍ରୀଡା ଛାତ୍ରାବାସରେ ରହି ଜାତୀୟସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ଏହି କ୍ରୀଡା ପ୍ରତିଭାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲାପାଳ କାର୍ଯ୍ୟାଳୟର ସଦ୍‌ଭାବନା କକ୍ଷରେ ଏଡିଏମ୍ ପୀତାମ୍ବର ସାମଲ ଭଲିବଲ ବାଳକ ବିଭାଗ ଖେଳାଳି ସିମନ ବେହେରା, ସାଗର ତ୍ରିପାଠୀ, ବାଳିକା ବିଭାଗ ଖେଳାଳି ଇତିଶ୍ରୀ ରାଉତ, ପ୍ରାଚୀ ନାୟକ, ମନିଷା ମଲ୍ଲିକ ଓ ଅର୍ଚ୍ଚିତା ଅପରାଜିତା ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏ ସମ୍ପର୍କରେ ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ କହିଛନ୍ତି ଯେ, ସେପ୍ଟେମ୍ବରରେ ରାଜ୍ୟସ୍ତରର ଭଲିବଲ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ବାଳିକା ବର୍ଗରେ କେନ୍ଦ୍ରାପଡ଼ା ଜିଲା ଚାମ୍ପିୟନ ହୋଇଥିବା ବେଳେ ବାଳକ ବିଭାଗ ରନର୍ସ ଅପ ହୋଇଥିଲା। ଏହି ଖେଳାଳିଙ୍କ ମଧ୍ୟରୁ ଉନ୍ନତ କ୍ରୀଡା ପ୍ରଦର୍ଶନ କରିଥିବା ଜିଲାର ୬ ପ୍ରତିଭାଙ୍କୁ ଜାତୀୟସ୍ତରରେ ଖେଳିବାକୁ ସୁଯୋଗ ମିଳିବ ବୋଲି ଆଶା କରାଯାଇଛି ବୋଲି କ୍ରୀଡା ଅଧିକାରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୯ରୁ ଡିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ତାମିଲନାଡୁରେ ଅଣ୍ଡର ୧୭ ବର୍ଗର ଜାତୀୟସ୍ତରର ଭଲିବଲ ଟୁର୍ନାମେଣ୍ଟ ହେବ। ଏହି ସମ୍ବର୍ଦ୍ଧନାରେ କାର୍ଯ୍ୟକ୍ରମରେ ଜିଲା ଶାରୀରିକ ଶିକ୍ଷାଧୀକାରୀ ଉତ୍କଳ ମହାପାତ୍ର, ପ୍ରଶିକ୍ଷକ ମନୋଜ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ପ୍ରଶାସନିକ ଅଧିକାରୀଙ୍କ ସହ ଭଲିବଲ ଖେଳାଳିମାନେ।

## କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲରେ ବାର୍ଷିକ ଖାଦ୍ୟମେଳା



ଅତିଥିମାନେ ପିଲାମାନଙ୍କ ଦ୍ୱାରା କରାଯାଇଥିବା ଖାଦ୍ୟ ଷ୍ଟଲ ବୁଲି ଦେଖୁଛନ୍ତି।

ଡେରାବିଶ, ୧୪।୧୧(ବେବର୍ତ୍ତା ଅଜୟ ଦାସ)

ଶିଶୁ ଦିବସ ଅବସରରେ ଡେରାବିଶ ବ୍ଲକ ଗୁଆଳସିଂ ସ୍ଥିତ କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପରିସରରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସରୋଜକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ, ଡ. ଶ୍ରୀରାମ ରତନ ପ୍ରଧାନ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇ ଖାଦ୍ୟ ମେଳାର ଉଦ୍ଦେଶ୍ୟ ଓ ପ୍ରତ୍ୟେକ ପିଲାମାନେ ପୁଷ୍ଟିକର ଖାଦ୍ୟ ଅଭ୍ୟାସ କରିବା, ବଜାରରେ ମିଳୁଥିବା ବିଭିନ୍ନ ଅଖାଦ୍ୟଠାରୁ ନିଜକୁ ଦୂରେଇ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖା ଦେଉଥିବାରୁ ସେଥିରୁ ପ୍ରତ୍ୟେକ ପିଲା ନିବୃତ ରହିବା ଉପରେ ଆଲୋକପାତ କରିଥିଲେ। ଶୀରର ପାଇଁ ଖାଦ୍ୟର ମହତ୍ତ୍ୱ ଓ ଏହାର ସଂରକ୍ଷଣ ଉପରେ ଅତିଥିମାନେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ପ୍ରତାପ ଚନ୍ଦ୍ର ଲେଙ୍କା ଉପସ୍ଥିତ ରହି ପିଲାମାନଙ୍କୁ ଖାଦ୍ୟ ମେଳାରେ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶେଖ ଶିକନ୍ଦର, ରୁପାରାଣୀ ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖାଦ୍ୟମେଳା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ ୧୪।୧୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ୩ଟି ରାସ୍ତା ଜବରଦଖଲ ହେତୁ ଅସୁବିଧା ସୃଷ୍ଟି ହେଉଛି। ଏହି ଜବରଦଖଲ ହଟାଇବାକୁ ଗ୍ରାମବାସୀ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ସାକ୍ଷାତ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ଅଳପୁଆ ପଞ୍ଚାୟତର ସେଠୀସାହି ପାର୍ଶ୍ୱସ୍ଥ ରାସ୍ତା, କୁମ୍ଭାରସାହିଠାରୁ ଶ୍ମଶାନ ଏବଂ ଅଳପୁଆ ବଜାରଠାରୁ ଦାମୋଦର ପାଟଣା ପୋଷ୍ଟାଲ ଛକ ପର୍ଯ୍ୟନ୍ତ ଥିବା ରାସ୍ତା ଜବରଦଖଲ ହୋଇଥିବାରୁ ସାଧାରଣ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଦୃଷ୍ଟିଆକର୍ଷଣ କରାଯାଇଥିଲେ ବିଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ଗଗନ ମାହାଳି, ନରେନ୍ଦ୍ର ଧଳ, ପ୍ରଭାତ ଚନ୍ଦ୍ର ସେଠୀ, ଅଭୟ ସେଠୀ, ବାନାମ୍ବର ମଳିକ, କୃତିବାସ ସାହୁ, ରଶ୍ମୀକାନ୍ତ ବେହେରା, ପ୍ରଶାନ୍ତ ଦାସ ପ୍ରମୁଖ ଉପରୋକ୍ତ ରାସ୍ତାର ସୀମା ନିର୍ଦ୍ଧାରଣ ତୁରନ୍ତ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଲୋକମାନେ।

## ବିଜେଡିରେ ଯୋଗଦେଲେ ୨୭ ପରିବାର

ଆଳି,୧୪।୧୧(ବନମାଳୀ ସେନାପତି)

ମଙ୍ଗଳବାର ଆଳି ବ୍ଲକର ମାଣିକପାଟଣା ପଞ୍ଚାୟତର ୨୭ ପରିବାର ଅନ୍ୟ ଦଳ ପରିତ୍ୟାଗ କରି ବିଜେଡିରେ ଯୋଗ ଦେଇଛନ୍ତି। ଆଳି ବ୍ଲକ ବିଜେଡି ସମ୍ପାଦକ ମୀନକେତନ ପାତ୍ର ଓ ଯୁବ ସଙ୍ଗଠକ ସଞ୍ଜୟ ପରିଡାଙ୍କ ନେତୃତ୍ୱରେ ଏହି ପରିବାର ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅଳିହା ଗାଁର ମା' ଦରିଆଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ମିଶ୍ରଣ ପର୍ବରେ ରାଧେଶ୍ୟାମ ବେହେରା ସଭାପତିତ୍ୱ କରିଥିଲେ। ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ କାର୍ଯ୍ୟଶୈଳୀରେ ଆକୃଷ୍ଟ ହୋଇ ଉମେଶ ବିଶ୍ୱାଳ, ଦିବାକର ସେଠୀ, ଜଗବନ୍ଧୁ ପରିଡା, ଅଙ୍କୁର ଦାସ, ନିତ୍ୟାନନ୍ଦ ପାତ୍ର, ବ୍ରହ୍ମାନନ୍ଦ ବେହେରା, ରଞ୍ଜନ ଦାସ, ଶ୍ରୀଧର ସେଠୀ ପ୍ରମୁଖଙ୍କ ସମେତ ୨୭ ପରିବାର କଂଗ୍ରେସ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ପକ୍ଷରୁ ଦଳୀୟ ଉତ୍ତରୀୟ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ବେହେରା, ସୁରେନ୍ଦ୍ର ଦାସ, ମନୋଜ ପରିଡା, କପିଳ ବରାଳ ପ୍ରମୁଖ ପରିଚାଳନା କରିଥିଲେ।

## ଆଳି ଆଥ୍‌ଲେଟିକ୍ ଆସୋସିଏଶନର ସାଧାରଣ ବୈଠକ



ବୈଠକରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ।

ଆଳି,୧୪।୧୧ (ବନମାଳୀ ସେନାପତି)

ଆଳି ଆଥଲେଟିକ ଆସୋସିଏଶନର ସାଧାରଣ ପରିଷଦ ବୈଠକେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆଳି ଷ୍ଟାଡିୟମରେ ହେବାକୁ ଥିବା ରାଜ୍ୟ ସରକାର ଘୋଷଣା କରିଥିବା ଫୁଟବଲ ଏକାଡେମୀ ପାଇଁ ଡ୍ରଇଂର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଯୋଗଦେଇ ଫୁଟବଲ ଏକାଡେମୀ ଠିକ୍ ଭାବେ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ଫୁଟବଲ ଏକାଡେମୀ ଘୋଷଣା କରି ରାଜ୍ୟ ସରକାର ଏହାର ନିର୍ମାଣ ପାଇଁ ୧୧.୮୭ କୋଟି ମଞ୍ଜୁର କରିଥିବାରୁ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏଥିରେ କ୍ଲବ ସମ୍ପାଦକ ବିଜୟ ସେନାପତି, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ରମେଶ ପଣ୍ଡା, କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ସିଂ, ଆରବ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।

## ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଦିବସ

ରାଜନଗର, ୧୪।୧୧(ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ତଥା ଶିଶୁ ରୋଗ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ମହାନ୍ତି ମା'ମାନଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କ ଗହଣରେ କେକ୍ କାଟି ନିଆରା ଢଙ୍ଗରେ ଏହି ଦିବସକୁ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିଭଳି ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାଳୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ବିକ୍ରମାଦିତ୍ୟ ଦାସ, ଡା. ଘନଶ୍ୟାମ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ସଚିନନ୍ଦନ ପରିଡ଼ା, ବରିଷ୍ଠ ଅଧ୍ୟାପିକା ତନୁଶ୍ରୀ ମିଶ୍ର, ମୌସୁମୀ ମିଶ୍ର, ନୀହାର ରଞ୍ଜନ ପରିଡା, ଦଧିବାମନ ସାହୁ, ରବିନାରାୟଣ ଦାସ, ଜଗବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ପଣ୍ଡିତ ନେହେରୁଙ୍କ ଜୀବନ ଆଦର୍ଶ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ।

## ଚାନ୍ଦବାଲି ଏନ୍‌ଏସି ଫୁଟ୍‌ବଲ କ୍ଲବ ଚାମ୍ପିୟନ

ରାଜକନିକା,୧୪।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ନେତାଜୀ କ୍ଲବ ଆନୁକୂଲ୍ୟରେ ୩୨ତମ ୨ ଦିନିଆ ଆନ୍ତଃଜିଲା ନେତାଜୀ କପ୍ ଫୁଟବଲ ଟୁର୍ନାମେଣ୍ଟ ସ୍ଥାନୀୟ ତରାସସ୍ଥିତ ନେତାଜୀ ମିନି ଷ୍ଟାଡିୟମଠାରେ ସୋମବାର ଆରମ୍ଭ ହୋଇ ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ନବରଙ୍ଗପୁର ଫୁଟବଲ କ୍ଲବ, ଯାଜପୁର ବରୁଆଁ ଆଥଲେଟିକ୍ ଆସୋସିଏଶନ, ଭଦ୍ରକ ରୋଭର୍ସ କ୍ଲବ, ଆଗରପଡା ଏସବିଏନ୍ କ୍ଲବ, କେନ୍ଦ୍ରାପଡ଼ା ଚାନ୍ଦ କ୍ଲବ, ଯାଜପୁର ଡିଫା, ଚାନ୍ଦବାଲି ଏନ୍‌ଏସି, ଗୋଲାଡିଆ କିଶାନ କ୍ଲବ ଓ ତରାସ ନେତାଜୀ କ୍ଲବକୁ ମିଶାଇ ଭାଗ ନେଇଥିଲେ। ସୋମବାର ଚାନ୍ଦବାଲି ଏନ୍‌ଏସି ପ୍ରଥମ ଟିମ୍ ଭାବେ ଫାଇନାଲକୁ ଉନ୍ନତି ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ରାଜକନିକା ଥାନା ଭାରପ୍ରାପ୍ତ ଅଧିକାରୀ ଦୀଲିପ କୁମାର ଧଳ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ଥିଲେ। ସେହିପରି ମଙ୍ଗଳବାର ଫାଇନାଲ ମ୍ୟାଚ ଚାନ୍ଦବାଲି ଏନ୍‌ଏସି ବନାମ ଗୋଲାଡିଆ କିଶାନ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ଏନ୍‌ଏସି ୩-୦ ଗୋଲ ବ୍ୟବଧାନରେ ବିପକ୍ଷ ଗୋଲାଡିଆ କିଶାନ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଆୟୋଜିତ ଉତ୍ସବରେ ନେତାଜୀ କ୍ଲବର ସଭାପତି ବନଜ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦନ୍ତ ପରିଷଦ ସଭାପତି ତଥା କଟକ ଏସ୍‌ସିବିର ଦନ୍ତ ଚିକିତ୍ସକ ଡା. ଆଶିଷ କୁମାର ବାରିକ, ମୁଖ୍ୟବକ୍ତା ଭାବେ ଚାନ୍ଦବାଲି କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସୀନେ ତାରକା ସବ୍ୟସାଚୀ ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ୧୦ ହଜାର ଅର୍ଥ ରାଶି ସହ ଟ୍ରଫି ଓ ଉପବିଜେତା ଟିମକୁ ୭ ହଜାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ପାଦକ ସୁବର୍ଣ୍ଣ କେଶରୀ ଦଳାଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିରଜା ପ୍ରସନ୍ନ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଶିବପ୍ରସାଦ ମଲ୍ଲିକ୍ ଧନ୍ୟବାଦ ଦେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଗଣେଶ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ତୁଷାର ସାହୁ, ଶ୍ରେଷ୍ଠ ଡିଫେଣ୍ଡର ଭାବେ କାବୁଲା, ଶ୍ରେଷ୍ଠ ମଧ୍ୟଭାଗ ଖେଳାଳି ରିକି ଓ ଶ୍ରେଷ୍ଠ ଷ୍ଟ୍ରାଇକର ମାନସଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳକୁ ରେଫରି ଭାବେ ଶେକ ରିୟାଜ କାଦିର, ସୁଶାନ୍ତ ବିଶ୍ୱାଳ, ତାଜ ଉଦ୍ଦିନ ଖାଁ, ଆଶିଷ ପଟ୍ଟନାୟକ, ଭବାନୀ ଶଙ୍କର ରାୟ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ଦିଗମ୍ବର ନାୟକ, ସରୋଜ କୁମାର ଦାସ, ଭରତ ଚନ୍ଦ୍ର ବାରିକ, ଶିବ ପ୍ରସାଦ ମଲ୍ଲିକ ଓ ଦେବଜ୍ୟୋତି ଜେନା ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆନ୍ତଃ ଜିଲା ନେତାଜୀ କପ୍ ଫୁଟବଲ ଟୁର୍ନାମେଣ୍ଟ




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ୩ ଗିରଫ

**ପାଣିକୋଇଲି,୧୪।୧୧(ବିକାଶ ମଲ୍ଲିକ):**

ପାଣିକୋଇଲି ପୋଲିସ ଏକ ଚୋରା ବାଇକ୍ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଆମ୍ଭୋର ଗ୍ରାମର ବାଦଲ ଜେନା (୨୩), ତାଙ୍କ ସହଯୋଗୀ ସଦର ଥାନା ଅନ୍ତର୍ଗତ ସାନତ୍ରିଲୋଚନପୁର ଗ୍ରାମର କାଠିଆ ଓରଫ୍ ମନୋଜ ପରିଡା(୨୪) ଓ ସେହି ଗ୍ରାମର ପର୍ଶୁରାମ ପରିଡା (୨୨)।

ପାଣିକୋଇଲି ଥାନା ଅନ୍ତର୍ଗତ ନିମପାଟଣା ଗ୍ରାମରେ ଯାତ୍ରା ହେଉଥିଲା। ଏହି ସମୟରେ ଯାଜପୁର ସଦର ଥାନା ଅନ୍ତର୍ଗତ ଅମରସିଂପୁର ଗ୍ରାମର ଭବାନୀ ଶଙ୍କର ପଣ୍ଡା ତାଙ୍କ ବାଇକ୍ ଓଆର-୦୪-ଏନ-୫୨୫୨କୁ ନିମପାଟଣା ଗ୍ରାମର ଅଶୋକ ସାହୁଙ୍କ ଘର ଆଗରେ ରଖି ଯାତ୍ରା ଦେଖୁଥିଲେ। ଯାତ୍ରା ଦେଖି ଫେରିବା ବେଳକୁ ତାଙ୍କ ବାଇକଟି ସେଠାରେ ନ ଥିଲା। ବାଦଲ ଗାଡି ଉପରେ ବସି ମୋଡା ମୋଡି କରୁଥିବା କେତେଜଣ ଦେଖିଥିବା ସୂଚନା ଦେଇଥିଲେ। ଏହାପରେ ଭବାନୀଶଙ୍କର ଆମ୍ଭୋର ଯାଇ ବାଦଲଙ୍କୁ ଖୋଜିଥିଲେ ବି ପାଇ ନ ଥିଲେ। ତେଣୁ ସେ ବାଧହୋଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନମ୍ବର ୩୩୭/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ପ୍ରକାଶ ପ୍ରଧାନ, ମନମୋହନ ବାରିକ, ବ୍ରଜକିଶୋର ସ୍ୱାଇଁ ପ୍ରମୁଖ ଚଢ଼ାଉ କରି ପ୍ରଥମେ ବାଦଲଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ତାଙ୍କ ୨ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ଏଥିସହିତ ଚୋରି ବାଇକଟିକୁ ଜବତ କରାଯାଇଥିଲା।

### ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ସାହୁଙ୍କ ପରଲୋକ

**ଚଣ୍ଡିଖୋଲ,୧୪।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦାସ୍ଥିତ ପ୍ରହ୍ଲାଦ ମଧ୍ୟ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ସାହୁ (୭୫)ଙ୍କ ପରଲୋକ ହୋଇଯାଇଛି। ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ବେଶ ସୁନାମ ଅର୍ଜନ କରିଥିଲେ।



ତାଙ୍କ ନିଜ ବାସଗୃହ ନିକଟ ବେଣୀପୁର ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ସୁବାସ ଚନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ବଳ, ଶିକ୍ଷକ ନଟବର ସାମଲ, ଧରଣୀଧର ପ୍ରଧାନ, ରାମଚନ୍ଦ୍ର ପଣ୍ଡା, ଚଣ୍ଡିଖୋଲ ବାର ଆସୋସିଏଶନ ସମ୍ପାଦକ ପ୍ରକାଶ ଦାସ, ବିରୁପାକ୍ଷ ତ୍ରିପାଠୀ, ସତ୍ୟବ୍ରତ ସାମଲ, ଅହଲ୍ୟା ଧଳ ଓ ହିମାଂଶୁ ଭୂଷଣ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବେଆଇନ ଚେମିନି ଇଟାଭାଟିକୁ ଲଗାମ ନାହିଁ

- ଖୁଲମଖୁଲା ଚାଲୁଛି ଇଟା ପୋଡ଼ା,
- ବଢ଼ୁଛି ପ୍ରଦୂଷଣ, ନିଷ୍କ୍ରିୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ
- ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ

**କୋରେଇ,୧୪।୧୧(ଚନ୍ଦ୍ରକାନ୍ତ ପତି):**



ଚେମିନି ଇଟାଭାଟି।

ବ୍ୟାସନଗର ତହସିଲ ଅଧୀନ କୋରେଇ ଅଞ୍ଚଳରେ ଅନେକ ବେଆଇନ ଚେମିନି ଇଟାଭାଟି ଗଢ଼ି ଉଠିଛି। ହେଲେ ଏଗୁଡ଼ିକ ଉପରେ ଯାଜପୁର ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ରହିଛି। ଖବର ଅନୁଯାୟୀ, ବ୍ଲକର ମୂଳାପାଳ, ପଥରପଦା, ବନ୍ଦାଳ, ରଣପୁର ଓ ମକୁନ୍ଦପୁର ଆଦି ପଞ୍ଚାୟତରେ ଚେମିନି ଇଟାଭାଟି ରହିଛି। ସେହିପରି ଅନେକ ଗ୍ରାମ ଓ ରାସ୍ତା କଡ଼ରେ ଫ୍ଲାଏ ଆସ ଇଟା ଭାଟି ଚାଲିଛି। ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏଥିରୁ ନିର୍ଗତ ଧୂଆଁ ଓ ଧୂଳି ଦ୍ୱାରା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି। ଅଧିକାଂଶ ଇଟାଭାଟି ସରକାରୀ, ଅନାବାଦୀ, ଗୋଚର ଓ ସର୍ବସାଧାରଣ ଜମିରେ ହୋଇଥିବା ଅଭିଯୋଗ ହେଉଛି। ହେଲେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଇଟା ଭାଟି ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଇଟା ନିର୍ମାଣ ପାଇଁ କଞ୍ଚା ମାଲ ସ୍ୱରୂପ ମାଟି ଓ ବାଲି ବୈତରଣୀ ନଦୀ ପଠାରୁ ସଂଗ୍ରହ କରାଯାଉଥିବା ସୂଚନା ମିଳିଛି। ନଦୀ ପଠାରେ ଥିବା ମାଟି ଓ ବାଲି ଉଠାଇ ଅଣାଯାଉଥିବାରୁ ସେଠାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ନଦୀଶଯ୍ୟା ମଧ୍ୟ ବଢ଼ି ଚାଲିଛି। ଫଳରେ ନଦୀ କୂଳରେ ଅବସ୍ଥିତ ଗ୍ରାମଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହି ଚେମିନି ଇଟାଗୁଡ଼ିକୁ ନିଆଁରେ ପୋଡ଼ିବାକୁ କାଠର ଆବଶ୍ୟକତା ହେତୁ ଜଙ୍ଗଲ କ୍ଷୟ ହେଉଛି। ସ୍ଥାନୀୟ ଅଞ୍ଚଳରେ ଉତ୍ତପ୍ତ ବଳୟ ମଧ୍ୟ ସୃଷ୍ଟି ହେଉଛି।

ମୃତ୍ତିକା କ୍ଷୟ ଓ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ସରକାର ମାଟି ତିଆରି ଇଟା ନିର୍ମାଣରେ ରୋକ ଲଗାଇଛନ୍ତି। ହେଲେ ଏଠାରେ ଆଇନ ଉଲ୍ଲଂଘନ କରାଯାଇ ଜାତୀୟ ରାଜପଥ ୧୬ ନମ୍ବରର ମୂଳପାଳ ପଞ୍ଚାୟତଠାରୁ ରଣପୁର ପଞ୍ଚାୟତ ପର୍ଯ୍ୟନ୍ତ ବୈତରଣୀ ନଦୀ ପାର୍ଶ୍ୱରେ ଯାଇଥିବା ୨୦ କିମିରୁ ଊର୍ଦ୍ଧ୍ୱ ନଦୀବନ୍ଧ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକଗୁଡ଼ିଏ ବେଆଇନ ଇଟାଭାଟି ଗଢ଼ି ଉଠିଛି। ଇଟାଭାଟି ମାଲିକମାନେ ନିଜ ଇଚ୍ଛା ମୁତାବକ ଇଟା ତିଆରି କରୁଛନ୍ତି। ବିଶେଷ କରି ନଦୀପଠା ଓ ପୋଖରୀ ନିକଟବର୍ତ୍ତୀ ଇଟାଭାଟି ମାଲିକଙ୍କ ପାଇଁ ସୁରକ୍ଷିତ ହୋଇଛି। ରାଜ୍ୟକୁ ପ୍ରଦୂଷଣ ମୁକ୍ତ କରିବାକୁ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାମ କରୁଛି। ହେଲେ ଏହି ଇଟାଭାଟି ମାଲିକଙ୍କ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖି ବୁଜିଦେଇଛି।

ବ୍ୟାସନଗର ତହସିଲ ଓ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେତେଜଣ ତଳିଆ କର୍ମଚାରୀଙ୍କୁ ମାସିକ ହାତଗୁଞ୍ଜା ଦେଇ ବ୍ୟବସାୟୀ ନିଜର କାୟା ବିସ୍ତାର କରୁଥିବା ଅଭିଯୋଗ ହେଉଛି। ହେଲେ ପ୍ରଶାସନ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅବାଧରେ ଏହି ଇଟାଭାଟି ଚାଲୁଥିବା ସ୍ପଷ୍ଟ ଜଣାପଡୁଛି। ଅଭିଯୋଗ ହେଲେ କାଁଭାଁ ଚଢ଼ାଉ କରି କିଛି ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ ଗ୍ରହଣ କରି ନ ଥିଲେ।

# ସିଂହପୁର ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ



ଶିଶୁ ଦିବସ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

**ସିଂହପୁର,୧୪।୧୧(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁଦିବସ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ଥାନାର ସୁଶାନ୍ତ କୁମାର ସେଠୀ, ମୁଖ୍ୟବକ୍ତା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ସମ୍ମାନିତ ଅତିଥି ଶିକ୍ଷାବିତ ପଦ୍ମନାଭ ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ସମିତିସଭ୍ୟା ଭାଗ୍ୟବତୀ ଧଳ, ସିଆରସିସି ପ୍ରମୋଦ ସାମଲ, ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ହିମାଂଶୁ ଧଳ, ସର୍ବେଶ୍ୱର ବାରିକ, ସଞ୍ଜୁଲତା ଦାସ ଓ ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅମ୍ରିତା ସାହୁ, ସୋମନାଥ କୁଣ୍ଟ, ବିଦ୍ୟୁସ୍ମିତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ରତ୍ନମାଳା ସାମଲ, ଶିକ୍ଷକ ସୁରେନ୍ଦ୍ର ନାୟକ, ଆର୍ଯ୍ୟଶ୍ରୀ ପାତ୍ର, ଗୀତାଞ୍ଜଳି ଜେନା, ନୀଳିମା ପ୍ରିୟଦର୍ଶିନୀ ସାମଲ , ଅମରେଶ ସାହୁ, ସାଗରୀକା ସାହୁ, ତାପସ ବାରିକ, ରାହୁଲ ବେହେରା, ବିରଜା ଦାସ ଓ ଉମେଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଗା ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ



ଜଗା ଶିଶୁ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବରେ ମଞ୍ଚାସୀନ ଅତିଥି।

**ବରୀ,୧୪।୧୧(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ନାଥପୁର ଜଗା ଶିଶୁ ସାହିତ୍ୟ ସଂସଦର ୩୦ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି। ସାମନ୍ତସିଂହାର ଉଚ୍ଚ ବିଦ୍ୟାଳୟ ଅଭିମନ୍ୟୁ ବାଲିଆଠାରେ ଆୟୋଜିତ ଉତ୍ସବରେ ସଂସଦର ସଭାପତି ବ୍ରଜମୋହନ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ଯଶୋବନ୍ତ ଜେନା, ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଏବଂ ଶିଶୁ ସାହିତ୍ୟିକ ମହେଶ୍ୱର ବଳ ଓ ଭକ୍ତଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାମ୍ପ୍ରତିକ ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ଅଧିକରୁ ଅଧିକ ଶିଶୁ ସାହିତ୍ୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ସରୋଜକାନ୍ତ ପରିଜା, ସାମ୍ବାଦିକତା ପାଇଁ ସନ୍ଦୀପ୍ତ ରାୟ, ସେକ୍ ଜଗିରୁଦ୍ଦିନ, ସମାଜ ସେବା ପାଇଁ ଅଶୋକ କୁମାର ବେହେରା ଏବଂ ଚିତ୍ରକର ଭାବେ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ଅତିଥିମାନେ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂସଦର ସମ୍ପାଦକ ଅଜୟ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଡ. ନିରଞ୍ଜନ ସାହୁ ଅତିଥିପରିଚୟ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଜୟ କୁମାର ଜେନାଙ୍କ ଲିଖିତ କାଶ୍ମୀର କୋଳରେ ପାଞ୍ଚ ରାତି ଓ ମାସିକ ସମ୍ବାଦପତ୍ର ରତ୍ନଗିରିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ଶିଶୁ ସାହିତ୍ୟିକ ସୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂହ ଓ ନିର୍ମଳା ମହାନ୍ତିଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ଅଧ୍ୟାପକ ରବୀନ୍ଦ୍ର କୁମାର ଦାସଙ୍କ ସଂଯୋଜନାରେ କବି ସବିତା ନାୟକ, ସରୋଜକାନ୍ତ ପରିଜା, ଅଧ୍ୟାପକ ପ୍ରଦୀପ୍ତ ଦାସ, ତପନ କୁମାର ଜେନା, ଜିତେନ୍ଦ୍ର କୁମାର ବେହେରା, ଗୋମତୀ ପଣ୍ଡା ଓ ବିଜ୍ଞାନ ମହାନ୍ତି ପ୍ରମୁଖ ବହୁ କବି ଯୋଗଦେଇ ଶିଶୁ କବିତା ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଚୈତନ୍ୟ ଚରଣ ଜେନା, ସନ୍ତୋଷ କୁମାର ରାଉତ, ପ୍ରୀତିରଞ୍ଜନ ସାହୁ, ମୁକ୍ତେଶ୍ୱର ସ୍ୱାଇଁ, ଅନାଦି ଚରଣ ଜେନା, ଅମିତ ଜେନା, ପ୍ରିୟବ୍ରତ ଜେନା, ଅଶ୍ୱିନୀ କୁମାର ଜେନା ଓ ଓମ୍ପ୍ରକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂସଦର ଉପସଭାପତି ଶରତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଜମି ବିବାଦକୁ ନେଇ ମାରପିଟ, ୬ ଆହତ

**ରସୁଲପୁର,୧୪।୧୧(ରଞ୍ଜିତ ରାଉତ):**

କୁଆଖିଆ ଥାନା ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଗ୍ରାମରେ ଜମିବାଡି ବିବାଦକୁ ନେଇ ରବୀନ୍ଦ୍ର ଦାସ ଓ ସତ୍ୟାନନ୍ଦ ବାରିକଙ୍କ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଉଭୟ ପକ୍ଷରୁ ୬ଜଣ ଆହତ ହୋଇଛନ୍ତି। ମାରପିଟକୁ ନେଇ ଦୁଇ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ରବୀନ୍ଦ୍ରଙ୍କ ପରିବାରର ୬/୭ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ସତ୍ୟାନନ୍ଦଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ରବୀନ୍ଦ୍ରଙ୍କ ପରିବାର ଲୋକେ ଓ ତାଙ୍କ ସହଯୋଗୀ ସତ୍ୟାନନ୍ଦଙ୍କ ପରିବାର ଲୋକଙ୍କ ଉପରକୁ ମରାଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସତ୍ୟାନନ୍ଦଙ୍କ ପରିବାରର ୪ଜଣ ଆହତ ହୋଇଥିବାବେଳେ ପାଲଟା ଆକ୍ରମଣରେ ରବୀନ୍ଦ୍ରଙ୍କ ପରିବାରର ୨ଜଣ ଆହତ ହୋଇଛନ୍ତି। ଘଟଣାରେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁ ଗଣ୍ଡଗୋଳ ପ୍ରସମିତ ହୋଇଥିଲା। ଉଭୟ ପକ୍ଷ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚିକିତ୍ସିତ ହୋଇ ଫେରିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଏହି ଦୁଇ ପରିବାର ମଧ୍ୟରେ ଜମିବାଡି ବିବାଦକୁ ନେଇ ଗଣ୍ଡଗୋଳ ଉପୁଜିବା ସହ ଥାନାରେ ମାମଲା ରୁଜୁ ହୋଇଥିଲା। ଏବେ ପୁଣି ସେମାନଙ୍କ ମଧ୍ୟରେ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଦୁର୍ଘଟଣାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

**ବଡ଼ଚଣା,୧୪।୧୧(ଦିଲୀପ କୁମାର ମହାନ୍ତି):**

ଏକ ସଡ଼କ ଦୁର୍ଘଟଣାରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ସାମାଜିକ କର୍ମୀ ତଥା ଖବରଦାତା ରବୀନ୍ଦ୍ର କୁମାର ବଳ(୫୦)ଙ୍କ ମୃତ୍ୟୁ ହୋଇଛି। ଦୁଇଦିନ ତଳେ ବଳ ନିଜ ପଞ୍ଚାୟତର ମଙ୍ଗରାଜପୁର ଗ୍ରାମରୁ ଘରକୁ ଫେରୁଥିବାବେଳେ ପଛପଟୁ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତଦେହ ସୋମବାର ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଯୁବକମାନେ ଶୋଭାଯାତ୍ରାରେ ତାଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲ୍‌ରେ ଶିଶୁ ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ପାଣିକୋଇଲି,୧୪।୧୧(ବିକାଶ ମଲ୍ଲିକ):**

ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲିଶ ମିଡିୟମ ସ୍କୁଲରେ ମଙ୍ଗଳବାର ଶିଶୁଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ରଚନା ଓ ଗପ ଆଦି ପ୍ରତିଯୋଗିତା କରାଯାଇଥିଲା। ପରେ ଏକ ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଧଳ ଯୋଗଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସ୍ୱର୍ଣ୍ଣପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ।

# ଆବାସ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

**ଧର୍ମଶାଳା,୧୪।୧୧(ବଟକୃଷ୍ଣ ପରିଡ଼ା):**



ଜଣେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶିର ଚେକ୍ ପ୍ରଦାନ କରାଯାଉଛି।

ଧର୍ମଶାଳା ବ୍ଲକରେ ଚଳିତ ବର୍ଷ ୨୮୪୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ମାସ ମଧ୍ୟରେ ୧୩୨୯ଜଣ ଗୃହ କାର୍ଯ୍ୟ ଶେଷ କରିଛନ୍ତି। ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ମଙ୍ଗଳବାର ପ୍ରଥମ ଦଫାରେ ୬୨୨ଜଣଙ୍କୁ ୨୦ ହଜାର ଲେଖାଏ ମୋଟ୍ ୧୨ ଲକ୍ଷ ୪୪ ହଜାର ଟଙ୍କା ସେମାନଙ୍କ ଜମାଖାତରେ ଦିଆଯାଇଛି। ଅବଶିଷ୍ଟ ୭୦୭ ହିତାଧିକାରୀଙ୍କୁ ଆଗାମୀ ସପ୍ତାହକ ମଧ୍ୟରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏନେଇ ବ୍ଲକ ପରିସରରେ ପୁରସ୍କାର ରାଶି ପ୍ରଦାନ ଉତ୍ସବ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ କେତେଜଣ ହିତାଧିକାରୀଙ୍କୁ ଚେକ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦରର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ କହିଥିଲେ, ଧର୍ମଶାଳା ବ୍ଲକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମସ୍ଥାନ ଅଧିକାର କରିଛି। ୪ ମାସ ମଧ୍ୟରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୧ ହଜାର ୯୦ ଟଙ୍କା ଲେଖାଏ, ପୁରସ୍କାର ରାଶି ୨୦ ହଜାର ଓ ଆବାସ ଅର୍ଥ ୧ ଲକ୍ଷ ୩୦ ହଜାର ମୋଟ ୧ଲକ୍ଷ ୭୧ ହଜାର ୯୦ ଟଙ୍କା ପ୍ରଦାନ କରାଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ କହିଥିଲେ, ମିର୍ଜାପୁର ପଞ୍ଚାୟତରେ ସର୍ବାଧିକ ୪୫ ଜଣ, ଭବାନୀପୁର ୪୧, ବଡ଼କାଏମାରେ ୩୬, କୋତପୁର ୩୩ ଓ ଉତରପ୍ରତାପର ୩୨ ଜଣ ହିତାଧିକାରୀ ଗୃହ ସମ୍ପୂର୍ଣ୍ଣ କରି ପ୍ରୋତ୍ସାହନ ରାଶି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟଅତିଥି ଭାବେ ଜିଲା ପ୍ରକଳ୍ପ ପରିଚାଳିକା ସୋହାନା ବେଗମ, ବିପିସି ଧର୍ମେନ୍ଦ୍ର ବାରିକ, ବିପିଏ ବିକାଶ ଚନ୍ଦ୍ର ସ୍ୱାଇଁ, ପଂଚାୟତର ସରପଞ୍ଚ, ସମିତିସଭ୍ୟ ଓ ପିଇଓମାନେ ଯୋଗଦେଇଥିଲେ। ଏବିଡିଓ ଅଶିତ କୁମର ପାତ୍ର ଧନ୍ୟବାଦ ଦେଇଥିଲେ।

## ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ପରାମର୍ଶ ଶିବିର

**କଳିଙ୍ଗନଗର,୧୪।୧୧(ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ ଅନ୍ତର୍ଗତ ଦାନଗଦି ଭବନ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ଟି ସଂସ୍ଥା ଦ୍ୱାରା ୧୧୮ ମହିଳା ଓ ୮ ପୁରୁଷଙ୍କୁ ତାଲିମ ଦେବା ପାଇଁ ଚୟନ କରାଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟ ଓ ଜିଲା ଦକ୍ଷତା ବିକାଶ ସହଯୋଗରେ ଆଶାୟୀ ଯୁବତୀଯୁବକମାନଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଯାଜପୁର ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଏବିଡିଓ ଦେବୀ ପ୍ରସାଦ ଜେନା, ଜିଲା ପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ଦାନଗଦି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, କଳିଙ୍ଗନଗର ସିଟିଟିସିର ପ୍ରଶିକ୍ଷଣ ମୁଖ୍ୟ ଶ୍ରୀକାନ୍ତ କୁମାର ପତି, ବରୁହା ସରକାରୀ ତାଲିମ କେନ୍ଦ୍ରର ସ୍ୱାଗତ ସାହୁ, ଗ୍ରାମ ତରଙ୍ଗର ରଶ୍ମୀରାଣୀ ବେହେରା, ରଗଡ଼ି ପଲିଟେକନିକର ନିଶିକାନ୍ତ ପ୍ରଧାନ, ସାହି ଏକ୍ସପର୍ଟର ଗୌରବ କଲ୍ୟାଣ ଦାସ ଓ ସିପେଟର୍ ଦୀପକ ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା



ବାଇଁଶିରିଆ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

**ବରୀ,୧୪।୧୧(ମହେନ୍ଦ୍ର ସ୍ୱାଇଁ):**

**ଚିନାବାଦାମ ବିହନ ବଣ୍ଟନରେ ଅନିୟମିତତା**

ବରୀ ବ୍ଲକ୍ ଅଞ୍ଚଳରେ ଚିନାବାଦାମ ବିହନ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ୍ ଅଧୀନ ବାଇଁଶିରିଆ ପଞ୍ଚାୟତର ଶତାଧିକ ଚାଷୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଏହି ବ୍ଲକକୁ ୯୦ କୁଇଣ୍ଟାଲ ବିହନ ଆସିଥିଲା। ବିହନକୁ ବାଇଁସିରିଆ ପଞ୍ଚାୟତର ସାରଙ୍ଗପୁର, ସ୍ୱାଇଁଖଣ୍ଡ ପଞ୍ଚାୟତର କଳାଖଣ୍ଡ ଓ ଉଦୟନାଥପୁର ପଞ୍ଚାୟତରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ କେତେଜଣ ଅଧିକାରୀ ଚାଷ ଜମି ନ ଥିବା ବ୍ୟକ୍ତିଙ୍କୁ ବିହନ ଯୋଗାଇ ଦେଇଛନ୍ତି। ସେମାନେ ବିହନକୁ ନେଇ ଖୋଲା ବଜାରରେ ବିକ୍ରି କରି ଦେଇଛନ୍ତି। ଫଳରେ ପ୍ରକୃତ ଚାଷୀ ବିହନ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଯେଉଁ ଅଞ୍ଚଳକୁ ବିହନ ବଣ୍ଟନ କରାଗଲା ତା'ର ତାଲିକା ପ୍ରସ୍ତୁତ କ୍ଷେତ୍ରରେ କେଉଁ କର୍ମଚାରୀ ଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଧାରଣାରେ ରାଜୀବ କୁମାର ସ୍ୱାଇଁ, ଅକ୍ଷୟ କୁମାର ଦାସ, ରଞ୍ଜିତ ମହାନ୍ତି, ସୁଦର୍ଶନ ରାଉତ, ତ୍ରିଲୋଚନ ମଲ୍ଲିକ, ମହେନ୍ଦ୍ର ଜେନା, ସୁବାସ ମହାନ୍ତି, ଗଗନ ମଲ୍ଲିକ, ନାରଣ ମଲ୍ଲିକ, ବିଜୟ କୁମାର ଦାସ, ଗୌରାଙ୍ଗ ପାଣି, ପରକ୍ଷିତ ଜେନା, ହାରୁନ ମିଆଁ, ସୁଦର୍ଶନ ନାୟକ, ଅଜୟ କୁମାର ସାହୁ, ସନାତନ ଦାସ, ଅକ୍ଷୟ କୁମାର ମହାନ୍ତି, ପଦନ ସାହୁ, ରବୀନ୍ଦ୍ର ଜେନା, ମଦନ ଜେନା, ଅଭିରାମ ଜେନା ଓ ବିଜୟ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ନୟାଗଡ଼ରେ ମା’ କାଳୀଙ୍କ ପୂଜା


ନୟାଗଡ଼ ଛକ


ଗୋଦିପଡ଼ା


ନୟାଗଡ଼ ପାର୍କ ସମ୍ମୁଖ


ନୟାଗଡ଼ ପୁରୁଣା ସହର ସାଗର ପୋଖରୀ କୂଳ।

## ସଡ଼କ ଦୁର୍ଘଟଣାରେ ପୂଜକ ଗୁରୁତର

**ଖଣ୍ଡପଡ଼ା,୧୪।୧୧(ଅଜୟ କୁମାର ମହାରଣା):** କଣ୍ଟିଲୋ-ଫତେଗଡ଼ ୪୮ନଂ. ରାଜ୍ୟ ରାଜପଥର ପ୍ରଶସ୍ତୀକରଣ କାମ ଚାଲିଛି । ରାସ୍ତା ଉପରେ ବିଚ୍ଛୁରିତ ହୋଇ ଚିପସ୍ ପଡ଼ିଛି । ଏଥିଯୋଗୁ ଜଣେ ପୂଜାରୀ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଭୋର ପ୍ରାୟ ସାଢେ ୪ଟା ସମୟରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ଛାମୁସାହି ପାଟଣା ଗ୍ରାମର ପୂଜାରୀ ରବିନ୍ଦ୍ର ନାଥ ମିଶ୍ର(୭୦) ଲକ୍ଷ୍ମୀପ୍ରସାଦ ଗ୍ରାମସ୍ଥିତ ଚନ୍ଦ୍ରଶେଖର ଦେବଙ୍କ ମନ୍ଦିରକୁ ପୂଜା କରିବାକୁ ନିଜ ସ୍କୁଟିରେ ଯାଉଥିଲେ । ଛୋଟ ଛୋଟ ଚିପସ୍‌ରେ ତାଙ୍କ ଗାଡ଼ି ଭାରସାମ୍ୟ ହରାଇଥିଲା । ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ । ତାଙ୍କୁ ପ୍ରଥମେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣାରେ ତାଙ୍କର ଗୋଡ଼ ଓ ମୁହଁରେ ଗଭୀର ଆଘାତ ଲାଗିଛି ।

## ୨ ବାଇକ୍ ଚୋର ଗଲେ ଜେଲ, ଜଣେ ଅଟକ

**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର):** ନୟାଗଡ଼ ଟାଉନ ଥାନା ପୋଲିସ ୨ ବାଇକ୍ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ରତନପୁର ଗାଁର ଅବକାଶ ସାହୁ ଓ ନୟାଗଡ଼ ଯଦୁମଣି ନଗରର ଜିତେନ୍ଦ୍ର ଗୌଡଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଜଣେ ବାଇକ ଚୋର ଅଟକ ରହିଛନ୍ତି। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ । ପୋଲିସ ୯ଟି ବାଇକ ଜବତ କରିଛି । ତେବେ ୯ ବାଇକରୁ ଓଡି୨୫ ଏ ୭୩୬୮ ସ୍କୁଟି ଗତ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ହୋଇଥିଲା । ଖୁଣ୍ଟୁବନ୍ଧ ପଞ୍ଚାୟିତ କଇଥଗାଡିଆ ଜାମୁସାହି ଗାଁର ରବୀନ୍ଦ୍ର ସେଠୀ ସ୍ତ୍ରୀଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗତ ସୋମବାର ଆସିଥିଲେ। ସ୍କୁଟି ଥୋଇ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଯାଇଥିଲେ । ଫେରିବାବେଳକୁ ସ୍କୁଟି ନ ଥିଲା । ଦଶପଲ୍ଲାର ଆନନ୍ଦ ପ୍ରଧାନ ନାମକ ଯୁବକ ସ୍କୁଟି ଟିକୁ ଚୋରାଇ ନେଇଥିଲେ । ତେବେ ପୋଲିସ ସ୍କୁଟି ଜବତ କରିବା ସହ ଆନନ୍ଦଙ୍କୁ ଅଟକ ରଖି ପଚରାଉଚୁରା କରୁଛି ।

**୯ ଚୋରା ବାଇକ୍ ଜବତ**

## ବୃଓଙ୍ଗ ଜଳସେଚନ ପ୍ରକଳ୍ପକୁ ସବୁଜ ସଙ୍କେତ

- ଜିଲା ଉନ୍ନୟନ କୋର୍ଡିନେଶନ ଆଣ୍ଡ ମନିଟରିଂ କମିଟି ବୈଠକରେ ସୂଚନା
- ୧୬୫୮.୭୨ କୋଟି ଟଙ୍କା ବ୍ୟୟ ଅଟକଳ

**ନୟାଗଡ଼,୧୪।୧୧(ଲୋକନାଥ ମିଶ୍ର)**



ଦିଶା ବୈଠକରେ ଅଧକ୍ଷ ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ

ବହୁ ପ୍ରତୀକ୍ଷିତ ବୃଓଙ୍ଗ ଜଳସେଚନ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପ୍ରଶାସନିକ ମଞ୍ଜୁରୀ ଦେଇଛି । ପ୍ରକଳ୍ପ ପାଇଁ ୧୬୫୮ କୋଟି ୭୨ ଲକ୍ଷ ବ୍ୟୟ ଅଟକଳ କରାଯାଇଛି ବୋଲି ଜିଲା ଉନ୍ନୟନ କୋଡିନେଶନ ଆଣ୍ଡ ମନିଟରିଂ କମିଟି (ଦିଶା) ବୈଠକରେ ସୂଚନା ଦିଆଯାଇଛି। ଦଶପଲ୍ଲା ବ୍ଲକର ମଞ୍ଜାରୀଠାରେ ଥିବା ବୃଓଙ୍ଗ ପ୍ରକଳ୍ପ ପାଇଁ ଦ୍ୱିତୀୟ ପର୍ଯ୍ୟାୟ କେନ୍ଦ୍ର ପରିବେଶ ମଞ୍ଜୁରୀ ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ରାଜ୍ୟ ସରକାର ଆବେଦନ କରିଛନ୍ତି । ପରିବେଶ ମଞ୍ଜୁରୀ ପାଇଁ ପରାମର୍ଶଦାତା ନିଯୁକ୍ତି ପାଇଁ ମଧ ଟେଣ୍ଡର ଆହ୍ୱାନ କରାଯାଇଛି । ଅନ୍ୟପକ୍ଷେ ବୃଓଙ୍ଗ ପ୍ରକଳ୍ପକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟ ଅନୁମୋଦନ ଦେଇ ସାରିଛି। ମଞ୍ଜାରୀଠାରେ ୫୫୨ ମିଟରରେ ବୃଓଙ୍ଗ ଡ୍ୟାମ୍ ହେବ । ବୃଓଙ୍ଗ ଡ୍ୟାମ୍‌କୁ ଲିଙ୍କ୍ କେନାଲରେ କୁଆଁରିଆଁ ଡ୍ୟାମ୍‌ରେ ସଂଯୋଗ କରାଯିବ । ପ୍ରକଳ୍ପର ଆୟକଟ ଏରିଆ ୩୧ ହଜାର ୧୧୦ ହେକ୍ଟର ଓ କ୍ୟାଚ୍‌ମେଣ୍ଟ ଏରିଆ ୭୨୫ ସ୍କୋୟାର କିମି. । ଉକ୍ତ ପ୍ରକଳ୍ପ ଦ୍ୱାରା ନୟାଗଡ଼ ଜିଲାର ୫ ବ୍ଲକର ୩୦୯ ଗାଁର ୨୩ ହଜାର ୩୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇ ପାରିବ । ପ୍ରକଳ୍ପରୁ ଦଶପଲ୍ଲା ବ୍ଲକର ୧୧୬୯ ହେକ୍ଟର, ଖଣ୍ଡପଡ଼ା ବ୍ଲକର ୪୧୦୧ ହେକ୍ଟର, ନୟାଗଡ଼ ବ୍ଲକର ୫୮୩୨ ହେକ୍ଟର, ନୂଆଗାଁ ବ୍ଲକର ୧୦ ହଜାର ୯୫ ହେକ୍ଟର, ଓଡ଼ଗାଁ ବ୍ଲକର ୨୧୦୩ ହେକ୍ଟର ଜମି ଜଳସେଚିତ ହେଉଛି। ପ୍ରକଳ୍ପ ପାଇଁ ସରକାରୀ ଜମି ୫୭୫.୪୩ ହେକ୍ଟର, ଜଙ୍ଗଲ ଜମି ୧୫୨୪. ୧୭ ହେକ୍ଟର, ବ୍ୟକ୍ତିଗତ ଜମି ୪୮୭. ୬୯ ହେକ୍ଟର ଏପରି ମୋଟରେ ୨୫୮୭ .୨୯ ହେକ୍ଟର ଜମି ଯାଉଛି। ପ୍ରକଳ୍ପ ହେଲେ ୧୧ଟି ଗାଁର ଲୋକ କ୍ଷତିଗ୍ରସ୍ତ ହେବେ । ପୁଣି ୧୦ଟି ଗାଁର କିଛି କ୍ଷତି ହେବ । ୨୦ ଟି ଗାଁର କେବଳ ଜମି କ୍ଷତିଗ୍ରସ୍ତ ହେବ । ଏହାର ତଦାରଖ ପାଇଁ ଚିଫ୍ କନଷ୍ଟ୍ରକଶନ ଇଞ୍ଜିନିୟର ନିୟୋଜିତ ହେବେ । ଏହି ଅଫିସର ବୃଓଙ୍ଗ ଓ ନରସିଂହପୁରରର ହାଡୁଆ ଜଳସେଚନ ପ୍ରକଳ୍ପ ଦାୟିତ୍ୱରେ ରହିବେ । ତେବେ ବୃଓଙ୍ଗ ପ୍ରକଳ୍ପରୁ ଗଣିଆ, ଭାପୁର ଓ ରଣପୁର ବ୍ଲକ ସମେତ ଓଡ଼ଗାଁ ବ୍ଲକର ଶରଣକୁଳ, ଗୋଡ଼ିପଡା ବାଦ୍ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏହି ବ୍ଲକ ଗୁଡିକରେ ଯେପରି ବୃଓଙ୍ଗ ଜଳସେଚନ ପ୍ରକଳ୍ପର ଜଳ ମାଡିବ ସେନେଇ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି ।

**ଗୋପାଳପୁର-ତାଳଚେର ରେଳପଥରେ ୩ ଷ୍ଟେଶନ:**

ଗୋପାଳପୁର ତାଳଚେର ରେଳପଥର ତୃତୀୟ ଥର ସର୍ଭେରେ ନୟାଗଡ଼ ଜିଲାରେ ମାନ୍ଧତାପୁର, ଶରଧାପୁର ଓ କୁରାଳରେ ୩ ଷ୍ଟେଶନ ହେବାକୁ ମଞ୍ଜୁରୀ ମିଳିଥିବା ଦିଶା ବୈଠକରେ ସୂଚନା ଦିଆଯାଇଛି । ଗୋପାଳପୁର-ତାଳଚେର ରେଳପଥ ଢେଙ୍କାନାଳ, ଆଠଗଡ଼, ବାଙ୍କୀ ଦେଇ ଖୋର୍ଦ୍ଧା ଜିଲାର ବୋଲଗଡ଼ ଦେଇ କିଛି ବାଟ ବଲାଙ୍ଗୀର-ଖୋର୍ଦ୍ଧା ରେଳପଥରେ ଯିବ । ପରେ ନୟାଗଡ଼ ଜିଲାକୁ ଅତିକ୍ରମ କରିବ । ହେଲେ ନୟାଗଡ଼ ଜିଲାର କେଉଁ ଗାଁଠାରେ ଏହା ଖୋର୍ଦ୍ଧା ଜିଲା ପରେ ମିଳିତ ହେବ ସେନେଇ ରେଳପଥ ବିଭାଗ ପକ୍ଷରୁ ତଥ୍ୟ ଦିଆଯାଇ ପାରି ନ ଥିଲା । ତେବେ ନୟାଗଡ଼ ପରେ ଗଞ୍ଜାମର କୁରୁଣ୍ଡି ଷ୍ଟେଶନ ହେବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ, ୨୯୩ କିମି ଗୋପାଳପୁର-ତାଳଚେର ରେଳପଥ ପାଇଁ ୧୯୯୦, ୧୯୯୬-୯୭ ଓ ୨୦୦୩ରେ ସର୍ଭେ ହୋଇଥିଲା । ଏଥିରେ କଣ୍ଟିଲୋ, ଶରଣକୁଳ ଓ ଓଡ଼ଗାଁର ପର୍ଯ୍ୟଟନ ସ୍ଥଳ ସାମିଲ ଥିଲା । ସମ୍ପୃକ୍ତ ଅଞ୍ଚଳ ବାଦ ପଡିବା ପରେ ଅସନ୍ତୋଷ ପ୍ରକାଶ ପାଇଛି । ଓଡ଼ଗାଁ, କଣ୍ଟିଲୋ ଓ ଶରଣକୁଳ ଅଞ୍ଚଳ ଦେଇ ରେଳପଥ ଯିବାକୁ ପ୍ରସ୍ତାବ ଗୃହୀତ କରାଯାଇଛି । ସରକାର ଏଥିରେ ହସ୍ତକ୍ଷେପ କରି ରେଳପଥର ଦିଗ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯିବ । ରେଳପଥ ପାଇଁ ଆନ୍ଦୋଳନ ଓ ପ୍ରତିବାଦ କରାଯିବ ବୋଲି ମତ ପ୍ରକାଶ ପାଇଛି । ସେହିପରି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ସମ୍ପର୍କରେ ଆଲୋଚନା ହୋଇଛି । ଦଶପଲ୍ଲା ଷ୍ଟେଶନ କାର୍ଯ୍ୟ ଶେଷ ହୋଇଥିଲେ ମଧ ରେଳ ଚଳାଚଳ ପାଇଁ ଉଦ୍‌ଘାଟନ ଶୀଘ୍ର କରିବା ପାଇଁ କୁହାଯାଇଥିଲା । ତେବେ ବୋଲଗଡ ଷ୍ଟେଶନକୁ ନୟାଗଡ଼ ଜିଲାରେ ଦର୍ଶାଇବା ନେଇ ଗୃହରେ କ୍ଷୋଭ ପ୍ରକାଶ ପାଇଥିଲା ।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଦିଶା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ କଟକ ଏମ୍‌ପି ଭର୍ତ୍ତୃହରୀ ମହତାବ ଏଥିରେ ଅଧକ୍ଷତା କରିଥିଲେ। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ପ୍ରମୁଖ ସମୀକ୍ଷା କରିଥିଲେ । ଜିଲା ପରିଷଦ ସଭ୍ୟ, ବ୍ଲକ୍ ଅଧକ୍ଷମାନେ ସମୀକ୍ଷାରେ ଭାଗ ନେଇଥିଲେ । ଏଥିରେ ବନବିଭାଗର କାମ୍ପା ଯୋଜନାର ଅନୁଦାନ ଖର୍ଚ୍ଚ ନେଇ ଆଲୋଚନା ହୋଇଥିଲା। ନୟାଗଡ଼ ଡିଏଫ୍‌ଓ ତଥ୍ୟ ରଖିଥିଲେ । ତେବେ ଖୋର୍ଦ୍ଧା ଡିଏଫ୍‌ଓ ବୈଠକକୁ ଆସୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଖୋର୍ଦ୍ଧା ଡିଏଫ୍‌ଓଙ୍କ ପକ୍ଷରୁ ରଣପୁର ରେଞ୍ଜର ଆସିଥିଲେ ମଧ୍ୟ ବୈଠକରେ କାମ୍ପା ଯୋଜନା ପରି ଅନେକ ଯୋଜନା ଉପରେ ଉଠିଥିବା ପ୍ରଶ୍ନର ଉତ୍ତର ଦେଇ ନ ପାରି ଅପଦସ୍ତ ହୋଇଥିଲେ ।

## ଗ୍ରାମୀଣ ସଂସ୍କୃତି ମହୋତ୍ସବ, ଗିରିଗୋବର୍ଦ୍ଧନ ପୂଜା

**ଖଣ୍ଡପଡ଼ା,୧୪।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ପଥରଦ୍ୱାର ଗ୍ରାମ ମା’ ପୂର୍ଣ୍ଣବାସୀଙ୍କ ପୀଠରେ ପାରମ୍ପରିକ ରୀତିରେ ମଙ୍ଗଳବାରଠାରୁ ଗିରିଗୋବର୍ଦ୍ଧନା ପୂଜା ଆରମ୍ଭ ହୋଇଛି। ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଗ୍ରାମରେ ଥିବା ମା’ ପୂର୍ଣ୍ଣବାସୀ ଯୁବ କ୍ଲବ ଆନୁକୂଲ୍ୟରେ ତଥା ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଦୀର୍ଘ ୨୪ ବର୍ଷଧରି ଚାଲିଆସୁଛି। ଏହି ଅବସରରେ ବାଦୀପାଲା ଓ ମା’ ପୂର୍ଣ୍ଣବାସୀ ଯୁବକ ସଂଘ ପକ୍ଷରୁ ଆସନ୍ତା ୧୭ ତାରିଖରେ ସାମାଜିକ ନାଟକ ‘ମିଛୁଆ ରାଧୁଆ ଗପ ସରିଲା‘ ମଞ୍ଚସ୍ଥ ହେବ । ସୋମବାର କୁନି କୁନି ପିଲାମାନେ ଲଉଡି ଖେଳ ପ୍ରଦର୍ଶନ କରିଥିଲେ । ମନ୍ଦିର ପୂଜକ ରାଧାନାଥ ହୋତାଙ୍କ ସୂଚନା କ୍ରମେ ସଂପୃକ୍ତ ଭାଲୁଖାଇ ମୁଣ୍ଡିଆ ଉପରେ ମା’ ପୂର୍ଣ୍ଣବାସୀ ଦେବୀଙ୍କ ଆସ୍ଥାନ ରହିଥିବାରୁ ଗିରିଗୋବର୍ଦ୍ଧନ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଇ ପ୍ରତ୍ୟେକଙ୍କ ଦୁଆରରେ ଠାକୁରଙ୍କୁ ଭୋଗ ଲାଗି କରାଯାଇ ପାହାଡ ଉପରକୁ ବିଜେ କରାଯାଇଥାଏ । ସଂସାରର ମଙ୍ଗଳ ପାଇଁ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।


ମହିଳମାନେ ଗିରିଗୋବର୍ଦ୍ଧନଙ୍କୁ ପୂଜା କରୁଛନ୍ତି।

ସେହିପରି ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତର ଭୋଗଡା ଗ୍ରାମ କମିଟି ପକ୍ଷରୁ ଗ୍ରାମୀଣ ସଂସ୍କୃତି ମହୋତ୍ସବ ୨୦୨୩-୨୪ ଓ ଗିରିଗୋବର୍ଦ୍ଧନ ପୂଜା ପ୍ରତି ବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୋଗଡା ଗ୍ରାମ ଗୋପାଳ ସମାଜ ପକ୍ଷରୁ ଆୟୋଜିତ ଲଉଡି ଖେଳ ଓ ନନ୍ଦ ରାଜାଙ୍କ ସହିତ କୃଷ୍ଣ ବଳରାମ ଓ ଗୋପ ଗୋପାଙ୍ଗନାମାନଙ୍କ ସହ ମିଶି ଗ୍ରାମ ପରିକ୍ରମା କରିବାର ଦୃଶ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଏହି ଉତ୍ସବରେ ମହୁଲବେରଣା, ଭୋଗଡା, କଳପଙ୍ଗି, ଧାନଚେଙ୍ଗଡା, ଲକ୍ଷ୍ମୀ ପ୍ରସାଦ, ପଥରଚକଡା, କଣ୍ଟିଲୋ ଓ ମାଧପୁର ଅଞ୍ଚଳରୁ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା ।

## ଆଜି ବ୍ଲକସ୍ତରୀୟ ଆତ୍ମନିଯୁକ୍ତି ପରାମର୍ଶ ଶିବିର

**ଓଡ଼ଗାଁ,୧୪।୧୧(ଆଦର୍ଶ କୁମାର ପଟ୍ଟନାୟକ)**

ଜିଲା ପ୍ରଶାସନ ଓ ଦକ୍ଷତା ବିକାଶ ପ୍ରାଧିକାରୀ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ଓଡ଼ଗାଁ ବ୍ଲକ ପରିସରରେ ବୁଧବାର ଅର୍ଥାତ ୧୫ ତାରିଖରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହେବ । ୧୮ରୁ ୩୫ ବର୍ଷର ଯୁବତୀ,ଯୁବକମାନଙ୍କୁ ଧନ୍ଦାମୂଳକ ତାଲିମ ଶିକ୍ଷା ଦିଆଯାଇ ସେମାନଙ୍କୁ ରାଜ୍ୟ ବାହାରେ ତଥା ରାଜ୍ୟ ଭିତରେ ବିଭିନ୍ନ ସଂସ୍ଥାରେ କର୍ମ ନିଯୁକ୍ତି ଦିଆଯିବ । ତାଲିମ ସମୟ ୩ ମାସ ରହିଛି। ଉକ୍ତ ତାଲିମ ସମ୍ପୂର୍ଣ୍ଣ ମାଗଣା ହୋଇଥିବା ବେଳେ ସେମାନଙ୍କ ରହିବା ଖାଇବା,ପୋଷାକ,ମେଡିକାଲ ସୁବିଧା ଆଦି ମାଗଣାରେ ଉପଲବ୍ଧ ହେବ। ତାଲିମପ୍ରାପ୍ତ ହୋଇସାରିବାପରେ ପ୍ରତ୍ୟେକ ଯୁବତୀ ଯୁବକ ସ୍ୱାବଲମ୍ବୀ ହେବେ । ସେମାନେ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କୁହାଯାଇଛି । ଇଚ୍ଛୁକ ପ୍ରାର୍ଥୀନୀ,ପ୍ରାର୍ଥୀମାନେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର,ଆଧାର ଓ ଫଟୋ ସହିତ ଏହି ଶିବିରରେ ଯୋଗ ଦେଇ ପାରିବେ। ଶିବିରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ତାଲିମର ସୁଯୋଗ ଅଛି । ଶିବିରରେ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି ।

## ଶିଶୁ ଦିବସରେ ପ୍ରତିମୂର୍ତ୍ତି ଉନ୍ମୋଚନ




**ଖଣ୍ଡପଡ଼ା,୧୪।୧୧(ଅଜୟ କୁମାର ମହାରଣା)**

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର ପକ୍ଷରୁ ଶିଶୁ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ସମେତ ୭ଜଣ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ମୁଖ୍ୟ ଅତିଥି ରୁପେ ପୂର୍ବତନ ଉପ ବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ କଳା ଶିକ୍ଷକ ଲଡୁ କିଶୋର ସିଂହ ସାମନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟବକ୍ତା ଭାବେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦ ଓ ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ନାରାୟଣ ଦାସ, ଉଦୟନାଥ ପ୍ରଧାନ ଯୋଗ ଦେଇ ଶିଶୁ ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ରଥ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରିଥିବା ସାମାଜିକ କର୍ମୀ କାଶୀନାଥ ବେହେରା, ଶିଶୁ କବି କାଶୀନାଥ ଦାସ, ଯୁବ ସଙ୍ଗଠକ ପ୍ରଦ୍ୟୁମ୍ନ କୁମାର ସିଂ ସାମନ୍ତ, ରଶ୍ମି ରଞ୍ଜନ ମହାନ୍ତି ଓ ରବିନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ।

ସେହିପରି ସ୍ଥାନୀୟ ମହିଳା କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ସେଫାଳୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଥିଲା । ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା ସଂଯୋଜନା କରିଥିଲେ । ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି, ନିବେଦିତା ପଟ୍ଟନାୟକ, ଜାହ୍ନବୀ ପଟ୍ଟନାୟକ, ଅଧ୍ୟାପକ ଡ. ଅଜିତ କୁମାର ବସନ୍ତରାୟ, ବିରଞ୍ଚି କୁମାର ମହାରଣା ପ୍ରମୁଖ ସହଯୋଗ କରିଥିଲେ । ଏହାଛଡା ଖଣ୍ଡପଡ଼ା ବ୍ଲକ ଅଧୀନ ନୀଳମାଧବ ମହାବିଦ୍ୟାଳୟ, ନୀଳମାଧବ ବିଦ୍ୟାପୀଠ, କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ସମସ୍ତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟ ଓ ନୀଳମାଧବ ଶିକ୍ଷା କେନ୍ଦ୍ରରେ ଶିଶୁ ଦିବସ ପାଳିତ ହୋଇଥିଲା ।

## ମିଶନ ଶକ୍ତି ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର କାମରେ ଲାଗୁନି

**ଓଡ଼ଗାଁ,୧୪।୧୧(ଆଦର୍ଶ କୁମାର ପଟ୍ଟନାୟକ)**

**ଶିଶୁ ଉଦ୍ୟାନରେ ଭୋଜିଭାତ, ନିଶାସକ୍ତଙ୍କ ଆଡ୍ଡା**

ନୟାଗଡ଼ ଜିଲା ଓଡ଼ଗାଁ ଏନଏସି ଅଧୀନ ଦଳକ ସାହି ତଥା ୧୩ନଂ.ୱାର୍ଡରେ ୨୭ ଲକ୍ଷ ଟଙ୍କା ଅନୁଦାନରେ ନିର୍ମାନ କରାଯାଇଥିବା ବିଭିନ୍ନ ପ୍ରକଳ୍ପ କାମରେ ଲାଗୁନି । ବରଂ ସେହିସ୍ଥାନ ନିଶାସକ୍ତଙ୍କ ଆଡ୍ଡାସ୍ଥଳ ପାଲଟିଛି । ଦଳକ ସାହି ମୁଣ୍ଡରେ ରାସ୍ତା ଘାଟ ନାହିଁ । ଏଭଳି ସ୍ଥାନରେ ୭.୦୯ ଲକ୍ଷ ଟଙ୍କା ବ୍ୟୟରେ ମିଶନ ଶକ୍ତି ଗୃହ, ୧୨.୩୯ ଲକ୍ଷ ଟଙ୍କା ଅନୁଦାନରେ ଶିଶୁ ଉଦ୍ୟାନ ଓ ୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏବୁ ପ୍ରକଳ୍ପ ରହିଛି । ଏସବୁ ପ୍ରକଳ୍ପକୁ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଗତ ମେ’୧୩ ତାରିଖରେ ଲୋକାର୍ପଣ କରିଥିଲେ । ଏଥିସହିତ ସ୍ଥାନୀୟ ବିକାଶର ଲମ୍ବା ଚିଠାର ବିବରଣୀ ପ୍ରଦାନ କରିଥିଲେ। ହେଲେ ଏଯାବତ୍ ଏସବୁ ବିକାଶ ପ୍ରକଳ୍ପ ଏନଏସିର ବିକାଶରେ ଏଯାବତ୍ ସାମିଲ ହୋଇପାରିନାହିଁ। ଫଳରେ ଏସବୁ ପ୍ରକଳ୍ପ ସାହି ମୁଣ୍ଡ ନିଛାଟିଆ ଓ ଅନ୍ଧାରିଆ ସ୍ଥାନରେ ରହିଥିବା ଯୋଗୁ ଦିନ ରାତି ସେଠି ନିଶାସକ୍ତଙ୍କ ଆଡ୍ଡା ଜମୁଛି । ଏପରି କି ପିଲାଙ୍କ ପାଇଁ ନିର୍ମାଣ କରାଯାଇଥିବା ଶିଶୁ ଉଦ୍ୟାନ ଲୋକାର୍ପଣ ହେଲା ଦିନରୁ ଆଜି ପର୍ଯ୍ୟନ୍ତ ବନ୍ଦ ପଡ଼ିଛି । ସେଥିପାଇଁ ଉପରୋକ୍ତ ଶିଶୁ ଉଦ୍ୟାନରେ ଅନାବନା ଗଛ ଉଠି ବ୍ୟବହାର ଅନୁପଯୋଗୀ ହେଲାଣି । ଏପରିକି ସେଠାରେ ମାଙ୍କଡା ପଥର ପକାଇ ଚୂଲି ତିଆରି କରି କେତେଜଣ ବ୍ୟକ୍ତି ଭୋଜି କରୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କ ମତାମତ ନେବାରେ ଏଯାବତ୍ ଏସବୁ ପ୍ରକଳ୍ପ ଏନଏସିକୁ ହସ୍ତାନ୍ତର ହୋଇ ନ ଥିବା କହିଛନ୍ତି । ତଥାପି ୱାର୍ଡ ସଂଯୋଜକ ଓ ଅଧିକାରୀଙ୍କୁ ଏସବୁର ରକ୍ଷଣାବେକ୍ଷଣ ସହିତ ଘଟଣାର ତଦନ୍ତ କରିବାକୁ କୁହାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକାରୀ ସମ୍ପର୍କରେ ସ୍ଥାନୀୟ ସିଡ଼ିପିଓ ଲହଡିମାଳା ପ୍ରଧାନଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କ ମୋବାଇଲ(ନଂ. ୯୪୩୭୫୮୯୩୧୭)ରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ୍ ଉଠାଇ ନ ଥିଲେ ।



ଅବହେଳିତ ଭାବରେ ଶିଶୁ ଉଦ୍ୟାନ ଓ ଅଙ୍ଗନୱାଡ଼ି କେନ୍ଦ୍ର।

